R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୫୯
ତିଥି : ତ୍ରୟୋଦଶୀ
୦୩ ଡିସେମ୍ବର ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 59
03 December 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଏସ୍‌ଆଇଆର ପ୍ରସଙ୍ଗରେ ସରକାର ଆଲୋଚନା ଲାଗି ରାଜି

ନୂଆଦିଲ୍ଲୀ, ୨।୧୨ : ସଂସଦର ଶୀତ ଅଧିବେଶନ ଆରମ୍ଭରୁ ବିରୋଧୀ ସଦସ୍ୟମାନେ ୧୨ ରାଜ୍ୟରେ ହେଉଥିବା ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର) ସମ୍ପର୍କରେ ଆଲୋଚନା କରିବାକୁ ଦାବି କରିଛନ୍ତି। ଦୁଇଦିନ ହେଲା ଗୃହ କାର୍ଯ୍ୟ ଚାଲିପାରୁନାହିଁ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ସଂସଦରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସରକାର ଏସ୍‌ଆଇଆର ପ୍ରସଙ୍ଗରେ ଆଲୋଚନା କରିବାକୁ ରାଜି ହୋଇଛନ୍ତି।

ସରକାରଙ୍କ ପକ୍ଷରୁ ନିର୍ବାଚନ ସଂସ୍କାର ନେଇ ଏକ ବିସ୍ତୃତ ଆଲୋଚନା ପାଇଁ ଯୋଜନା କରାଯାଉଛି। ତେବେ ବିରୋଧୀ ସଦସ୍ୟମାନେ ଯଦି ହଟ୍ଟଗୋଳ ଜାରି ରଖନ୍ତି ତେବେ ସରକାର ସେ ଆଣିଥିବା ବିଲ୍‌ଗୁଡ଼ିକୁ




ପାରିତ କରିବାକୁ ଚେଷ୍ଟା କରିବେ। ଭୋଟର ତାଲିକା ଶୁଦ୍ଧିକରଣ ଉପରେ ସବୁ ପ୍ରକାର ଆଲୋଚନାକୁ ସରକାର ରାଜି ଥିବା କହିଛନ୍ତି। ତେବେ ଏହା ଚଳିତ ସପ୍ତାହରେ ନୁହେଁ, ବରଂ ଡିସେମ୍ବର ୧୦ରେ ସରକାର ଏହି ପ୍ରସଙ୍ଗରେ ବିତର୍କ କରିବାକୁ ଚାହୁଁଥିବା ଜଣାପଡ଼ିଛି। ଏଥିରେ ବିରୋଧୀ ରାଜି ହେଉଛନ୍ତି କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରମନ୍ତ୍ରୀ କିରଣ ରିଜ୍‌ଜୁ କହିଛନ୍ତି ଯେ ସରକାର ପ୍ରଥମେ ୧୫୦ ବର୍ଷ ପୂରଣ ହେଉଥିବା ବନ୍ଦେ ମାତରମ ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଛନ୍ତି। ପ୍ରଥମେ ଏହାକୁ ଗୁରୁତ୍ୱ ଦିଆଯିବ। ନଭେମ୍ବର ୭ରୁ ବନ୍ଦେ ମାତରମକୁ ୧୫୦ ବର୍ଷ ପୂର୍ତ୍ତି ହୋଇସାରିଛି। ଏହି ଆଲୋଚନାକୁ ପ୍ରାଧାନ୍ୟ ଦିଆଯିବା ଦରକାର। ଆଜି ଶୀତ ଅଧିବେଶନର ଦ୍ୱିତୀୟ ଦିନରେ ବି ବିରୋଧୀମାନେ ଏହି ପ୍ରସଙ୍ଗ ଉଠାଇ ଗୃହକୁ ଅଚଳ କରିଛନ୍ତି। ରାଜ୍ୟସଭାରେ ଏହା ଉପରେ ଆଲୋଚନା ଲାଗି ବିରୋଧୀ ସଦସ୍ୟମାନେ ଦାବି କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ରିଜ୍‌ଜୁ ବିଭିନ୍ନ ଦଳର ନେତାଙ୍କ ସହ ଆଲୋଚନା କରିଛନ୍ତି। ଅଧିକାଂଶ ବିରୋଧୀ ସାଂସଦ ଗୃହର ମଧ୍ୟଭାଗକୁ ଆସି ସ୍ଲୋଗାନ ଦେଉଛନ୍ତି। ଅପରପକ୍ଷରେ ସରକାର ଆଲୋଚନା ମାଧ୍ୟମରେ କେତେ ସମୟ ଆଲୋଚନା ହେବ ସ୍ଥିର କରାଯାଉ। ଦେଶରେ ଅନେକ ସମସ୍ୟା ରହିଛି। କେଉଁ ପ୍ରସଙ୍ଗକୁ ପ୍ରଥମେ ନିଆଯିବ ତାହା ବିଚାର କରିବା ଆବଶ୍ୟକ। ସବୁ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ। ବିରୋଧୀ ଦଳକୁ ମନ୍ତ୍ରୀ ସମାଲୋଚନା କରି କହିଛନ୍ତି ଯେ ଆପଣମାନେ ନିର୍ବାଚନ ଜିତିପାରୁନାହାନ୍ତି, (୯ ପୃଷ୍ଠାରେ)

- ୮ରେ ହେବ ବନ୍ଦେ ମା'ତରମ ବିତର୍କ
- ବିରୋଧୀଙ୍କ ପକ୍ଷରୁ ଏସ୍‌ଆଇଆର ବିରୋଧରେ ପ୍ରତିବାଦ ଜାରି
- ଆସନ୍ତା ସପ୍ତାହରେ ହୋଇପାରେ ଆଲୋଚନା

# ପିଏମ୍‌ଓର ନୂଆ ନାଁ 'ସେବାତୀର୍ଥ'



ନୂଆଦିଲ୍ଲୀ, ୨।୧୨ : ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ନାମ ବଦଳି ଯାଇଛି। ଏଣିକି ପିଏମଓ ସେବାତୀର୍ଥ ନାଁରେ ପରିଚିତ ହେବ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସେବାତୀର୍ଥ ନାମରେ ନାମିତ ହେବା ସହ ବିଚାର ମଧ୍ୟ ବଦଳି ଯାଇଛି। ପରିବର୍ତ୍ତିତ ନାମରେ ରହିଛି ଜନକଲ୍ୟାଣ ବାର୍ତ୍ତା।

ଏହିକ୍ରମରେ କେନ୍ଦ୍ର ସଚିବାଳୟ ନାମ ହେଲା କର୍ତ୍ତବ୍ୟ ଭବନ। ପିଏମଓର କାର୍ଯ୍ୟଶୈଳୀ ଏବଂ ସାର୍ବଜନୀନ ସେବା ପ୍ରତି ସମର୍ପଣ ଭାବକୁ ସ୍ୱୀକୃତି ଦେଇ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହି ପରିବର୍ତ୍ତନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ପିଏମଓକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଲଭ କରିବା, ଯାହାଦ୍ୱାରା ଲୋକମାନେ ସେମାନଙ୍କର ସମସ୍ୟା (୯ ପୃଷ୍ଠାରେ)

### ଚନ୍ଦନପୁର ଜାତୀୟ ରାଜପଥ ସୁନା ଅଳଙ୍କାର ଲୁଟ ଘଟଣାର ପର୍ଦ୍ଦାଫାଶ

# ୪ ଗିରଫ : ସୁନା ଚେନ, ରୁପା ଜବତ

ପୁରୀ, ୨।୧୨ (ସବ୍ୟୁ) : କିଛି ଦିନ ତଳେ ଚନ୍ଦନପୁର ଥାନା ଅଧୀନରେ ଲୁଟ ହୋଇ ଥିବା ସୁନା ଅଳଙ୍କାର ଡକାୟତି ଘଟଣାକୁ ନେଇ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଯାହାକୁ ପୁରୀ ଜିଲ୍ଲା ପୋଲିସ ଗମ୍ଭିରତାର ସହ ନେଇ ଥିଲା। ଲୁଟ ଘଟଣାର ସାମିଲ ଥିବା ଦାକାୟତଙ୍କୁ ଧରିବା ପାଇଁ ପ୍ଲାନ ଭିନ ଆରମ୍ଭ କରି ଥିଲା। ଏହି ଘଟଣାରେ ଆଜି ପୁରୀ ଜିଲ୍ଲା ପୋଲିସ ପ୍ରଶାସନକୁ ବଡ ସଫଳତା ମିଳିଛି। ଏହି ସ୍ୱର୍ଣ୍ଣ ଅଳଙ୍କାର ଲୁଟ ଘଟଣାର ଖୁଲାସା କରିଛି ପୋଲିସ। ଡକାୟତି ଗ୍ୟାଙ୍ଗର ୭ ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ଗିରଫ କରିଛି ପୋଲିସ। ତେବେ ଏହି ଘଟଣାରେ ୩ ଜଣ ଏବେ ବି ଫେରାର ଅଛନ୍ତି। ଅପରେସନ ହ୍ୱାଇଟ ମେଟାଲ ନାମରେ ପୋଲିସର ଏହି ସ୍ୱତନ୍ତ୍ର ଅପରେସନ ଆରମ୍ଭ ହୋଇଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି




ଡକାୟତି ଘଟଣାରେ ଜଣେ ଛାତ୍ରଙ୍କ ସହ ରାଜ୍ୟ ବାହାରର ଜଣଙ୍କ ସଂପୃକ୍ତି ରହିଛି। ଚନ୍ଦନପୁର ସୁନା ଦୋକାନୀ ସଞ୍ଜୟ ଦାସଙ୍କ ଠାରୁ ୫୦ ଲକ୍ଷ ଲୁଟ ଘଟଣାରେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଓ ପୁରୀ ଏସପି ପ୍ରତୀକ ସିଂହ ମଙ୍ଗଳବାର ମଧ୍ୟାହ୍ନରେ ମିଳିତ ପ୍ରେସ ମିଟ କରି ଏହି ସୂଚନା ଦେଇଛନ୍ତି। ଗିରଫ ହୋଇ ଥିବା ଡ଼କାୟତଙ୍କ ଠାରୁ ପୋଲିସ ୧୩୨ ଗ୍ରାମର ୮ଟି ସୁନା ଚେନ୍ ,୩୧ କେଜି ରୂପା ,୬ ଲକ୍ଷ ଟଙ୍କା ,ଗୋଟିଏ କାର ,୬ ଟି ମୋବାଇଲ ଫୋନ୍, (୯ ପୃଷ୍ଠାରେ)

# ଓଡ଼ିଶା ଜନ ବିଶ୍ୱାସ ବିଲ୍ ପାରିତ

ଭୁବନେଶ୍ୱର, ୨।୧୨ (ସବ୍ୟୁ) : ବିଧାନସଭାରେ ଓଡ଼ିଶା ଜନ ବିଶ୍ୱାସ ବିଲ୍ ୨୦୨୫ ପାରିତ ହୋଇଛି। ବିଲ୍‌କୁ ବିରୋଧୀ ସଦସ୍ୟମାନେ ବିରୋଧ କରି କେତେକ ସଂଶୋଧନ ପ୍ରସ୍ତାବ ଦେଇଥିଲେ। ମାତ୍ର ଏହାକୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ଦାବି ରଖିଥିଲେ। ତେବେ ସରକାରଙ୍କ ପକ୍ଷରୁ ଏହି ବିଲ୍‌କୁ ପାରିତ କରାଯାଇଛି। ବିରୋଧୀଙ୍କ ଦାବି ଅଗ୍ରାହ୍ୟ ହୋଇଥିବାରୁ ସେମାନେ ପ୍ରତିବାଦରେ କକ୍ଷ ତ୍ୟାଗ ମଧ୍ୟ କରିଛନ୍ତି।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗତକାଲି ଏହି ବିଲ୍‌କୁ ଆଗତ କରିଥିଲେ। ଏହା ଉପରେ ଆଜି ବିସ୍ତୃତ ଆଲୋଚନା କରାଯାଇଥିଲା। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଏହା ଜନବିଶ୍ୱାସ ନୁହେଁ, ଅବିଶ୍ୱାସର ବିଲ୍। ଦଣ୍ଡକୁ ବଦଳାଇ ଜରିମାନାରେ ପରିବର୍ତ୍ତନ କରାଯାଇଛି। ନାଗରିକମାନଙ୍କୁ ଅଗ୍ରାଧିକାର ନ ଦେଇ



ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇଛି। ୧୬ଟି ବିଲ୍‌କୁ ସରକାର ସଂଶୋଧନ କରିବେ। ଏହାକୁ ଅଧିକ ବିଚାର ବିମର୍ଷ ପାଇଁ ସିଲେକ୍ଟ କମିଟିକୁ ପଠାଯାଉ। କଂଗ୍ରେସ ବିଧାୟକ ରାଜନ୍‌ଏକ୍କା ଜରିମାନାକୁ ଦଣ୍ଡ ଓ ଦଣ୍ଡକୁ ଜରିମାନା କରାଯାଉ ବୋଲି ପ୍ରସ୍ତାବ ଦେଇଥିଲେ। ବିଧାୟକ ଧ୍ରୁବଚରଣ ସାହୁ ବିଦ୍ୟୁତ୍ କର ସଂଶୋଧନ ଉପରେ ବ୍ୟାପକ ଆଲୋଚନା କରାଯାଉ। ବିଧାୟକ ଗୌତମ ବୁଦ୍ଧ ଦାସ କହିଥିଲେ ଯେ ଏହା କର୍ପୋରେଟ୍ ସପକ୍ଷ ବିଲ୍ ବୋଲି ମତ ଦେଇଥିଲେ। ୨୦୨୩ରେ ଏହି ଜନ ବିଶ୍ୱାସ ବିଲ୍ ସଂସଦରେ ଲୋକସଭାରେ ଉପସ୍ଥାପିତ ହୋଇଥିଲା ଓ ଏହାକୁ ସିଲେକ୍ଟ କମିଟିକୁ ପଠାଯାଇଛି। ଏଥିପାଇଁ ଏତେ ତରବର କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ବିଲ୍ ଆଗତ କରି ମନ୍ତ୍ରୀ କହିଥିଲେ ଯେ ଭାରତ ସରକାର ନାଗରିକମାନଙ୍କ ପାଇଁ ଏକ ବିଶ୍ୱସନୀୟ ଶାସନ ପଦ୍ଧତି ପ୍ରଣୟନ ନିମନ୍ତେ ପଦକ୍ଷେପ ନେଉଛନ୍ତି। ଯେଉଁଥିରେ ମାତ୍ରାଧିକ ନିୟନ୍ତ୍ରଣ ଏବଂ ଛୋଟ ଅପରାଧର କାରାଦଣ୍ଡ ବିଧାନ ଦ୍ୱାରା ବ୍ୟବସାୟ, ନାଗରିକ ଓ ପ୍ରତିଷ୍ଠାନ ଉପରେ ହେଉଥିବା (୯ ପୃଷ୍ଠାରେ)

- ବିଲ୍‌ରେ ରହିଛି ୧୬ଟି ଆଇନ୍
- ଜୁଆ ରୋକିବାକୁ ଆସିବ ଆଇନ୍
- ୧୬୧ ଆଇନ୍‌ଗତ ବ୍ୟବସ୍ଥାରେ ସଂସ୍କାର
- ୫୦ କାରାଦଣ୍ଡ ବ୍ୟବସ୍ଥା ସରଳ
- ୧୧୧ ଜରିମାନା ଧାର୍ଯ୍ୟ ବ୍ୟବସ୍ଥାକୁ ଆର୍ଥିକ ଦଣ୍ଡ
- କାରାଦଣ୍ଡ ଧାରାକୁ ଜରିମାନାରେ ପରିବର୍ତ୍ତନ
- ୪ ପ୍ରମୁଖ ସଂଶୋଧନ ପ୍ରସ୍ତାବ
- ବିଲ୍‌କୁ ବିରୋଧ କରି ବିରୋଧୀଙ୍କ କକ୍ଷତ୍ୟାଗ

# ଟଙ୍କା ପରିଶୋଧ ପରେ ଟାଣିଲେ ଗାଡି, ରିକଭରୀ ଏଜେଣ୍ଟ ଗିରଫ



ଭୁବନେଶ୍ୱର, ୨।୧୨ (ସବ୍ୟୁ) : ଲୋନ ଟଙ୍କା ପରିଶୋଧ ପରେ ଡାକ୍ତର ପରିବାରକୁ ରାସ୍ତାରେ ନିର୍ଯାତନା ଦେଇ ଗାଡି ଟାଣିଥିବା ରିକଭରି ଏଜେଣ୍ଟ ଦୀପକ କୁମାର ବଳିଆର ସିଂ(୪୫)କୁ ଗିରଫ କରିଛି ସହିଦନଗର ଥାନା ପୋଲିସ। ଅଭିଯୁକ୍ତ ଦୀପକ ରେପୋ ଗ୍ୟାଙ୍ଗ୍‌ର ମୁଖ୍ୟ ଭାବେ କାମ କରୁଥିଲା। କାରଣ ଯେଉଁ ମା'ଭଗବତୀ ଆସୋସିଏଟ ବ୍ୟାଙ୍କମାନଙ୍କରୁ ରିକଭରି ପାଇଁ ଅନୁମତି ପାଇଥିଲା ସେ ସେହି ସଂସ୍ଥାର ମାଲିକ।

ଅଭିଯୋଗକାରୀ କୁଳଦୀପ ମାର୍ଣ୍ଡି (୩୦) ଜଣେ ଡ୍ରାଇଭର। ତ୍ରିନାଥ ଦାସଙ୍କ ମାଲିକାନାରେ ଥିବା (୯ ପୃଷ୍ଠାରେ)

# ୪ ବର୍ଷରେ ୧୬୮ ନକଲି ଔଷଧ ଚିହ୍ନଟ

ଭୁବନେଶ୍ୱର, ୨।୧୨ (ସବ୍ୟୁ) : ରାଜ୍ୟରେ ନକଲି ଔଷଧ ମିଳୁଛି। ୪ ବର୍ଷରେ ୧୬୮ ନକଲି ଔଷଧ ଓ ୩୮୮ଟି ନିମ୍ନମାନର ଔଷଧ ଚିହ୍ନଟ ହୋଇଛି। ଗତ ୪ ବର୍ଷରେ ୨.୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନକଲି ଔଷଧ ଜବତ କଲେଣି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କର ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ଯେ ୧୬୮ଟି ସନ୍ଦେହଜନକ ଔଷଧ ଚିହ୍ନଟ କରାଯାଇ ଜବତ କରାଯାଇଛି। ୪ ବର୍ଷରେ ଏହା ହୋଇଛି। ୩୮୮ଟି ନିମ୍ନମାନର ଔଷଧ ମଧ୍ୟ ଚିହ୍ନଟ କରାଯାଇଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ପାନ୍-୪୦, ପାନ୍‌ଟପ୍, (୯ ପୃଷ୍ଠାରେ)

